# ସ୍ଥାନୀୟ ନିକାୟଗୁଡ଼ିକଉପରେ
# ମାର୍ଚ୍ଚ 2022 ରେ ସମାପିତବର୍ଷ ପାଇଁ
# ଭାରତର  ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ସମୀକ୍ଷା ପ୍ରତିବେଦନ

**ଓଡ଼ିଶା ସରକାର**

ପ୍ରତିବେଦନ ସଂଖ୍ୟା  10 ବର୍ଷ 2024

ସୂଚୀପତ୍ର


| | ପ୍ରସଙ୍ଗ | |
|---|---|---|
| | ଅନୁଚ୍ଛେଦ | ଅନୁଚ୍ଛେଦ |
| ମୁଖବନ୍ଧ | - | *iii* |
| ବିହଙ୍ଗାବଲୋକନ | - | *v* |
| **ଅଧ୍ୟାୟ 1**<br>**ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ବିହଙ୍ଗାବଲୋକନ** | | |
| ଉପକ୍ରମ | 1.1 | 1 |
| ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ସାଙ୍ଗଠନିକ ବ୍ୟବସ୍ଥା | 1.2 | 1 |
| ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟକାରିତା | 1.3 | 3 |
| ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର କର୍ମଚାରୀ ନିଯୁକ୍ତି ପଦ୍ଧତି | 1.4 | 3 |
| ବିଭିନ୍ନ କମିଟିର କାର୍ଯ୍ୟକାରିତା | 1.5 | 4 |
| ପାଣ୍ଠିର ପ୍ରବାହିତ ବ୍ୟବସ୍ଥା | 1.6 | 4 |
| ରାଜ୍ୟ ଅର୍ଥ ଆୟୋଗ (ଏସ୍‌ଏଫ୍‌ସି)ଙ୍କ ସୁପାରିଶ | 1.7 | 6 |
| କେନ୍ଦ୍ରୀୟ ଅର୍ଥ ଆୟୋଗଙ୍କ ସୁପାରିଶ (ସିଏଫ୍‌ସି) | 1.8 | 7 |
| ଅଡିଟ୍ ଆଦେଶନାମା | 1.9 | 8 |
| ପ୍ରତିବେଦନ କରିବା ବ୍ୟବସ୍ଥା | 1.10 | 9 |
| ଦାୟିତ୍ୱଧିନତା ସଂକ୍ରିୟା | 1.11 | 10 |
| ଉପଯୋଗ ପ୍ରମାଣ ପତ୍ର (ୟୁସି) ପ୍ରଦାନରେ ବିଳମ୍ବ | 1.12 | 10 |
| ବକେୟା ଅଗ୍ରୀମ | 1.13 | 10 |
| କ୍ୟାସ୍ ବହିର ଅବଶେଷ ମେଳ ନହେବା | 1.14 | 10 |
| ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଦ୍ୱାରା ହିସାବ ପରିଚାଳନା | 1.15 | 10 |
| **ଅଧ୍ୟାୟ 2**<br>**କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନରୁ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ ମିଳିଥିବା ଅର୍ଥର ବିନିଯୋଗ** | | |
| ଉପକ୍ରମ | 2.1 | 13 |
| ପାଣ୍ଠି ପ୍ରବାହ | 2.2 | 13 |
| ଯୋଜନା | 2.3 | 14 |
| ପାର୍ଣ୍ଠି ପରିଚାଳନା | 2.4 | 15 |
| କାର୍ଯ୍ୟ ନିର୍ବାହ | 2.5 | 19 |
| ତଦାରଖ ଓ ପର୍ଯ୍ୟବେକ୍ଷଣ | 2.6 | 27 |
| **ଅଧ୍ୟାୟ 3**<br>**ରାଜ୍ୟ  ଅର୍ଥ କମିଶନ ଅନୁଦାନରୁ ପଞ୍ଚାୟତିରାଜ  ଅନୁଷ୍ଠାନ ଗୁଡ଼ିକ ଦ୍ୱାରା ପ୍ରାପ୍ତ ଅର୍ଥର ବିନିଯୋଗ** | | |
| ଉପକ୍ରମ | 3.1 | 29 |
| ପାଣ୍ଠିର ବ୍ୟବସ୍ଥା | 3.2 | 29 |
| ପାଣ୍ଠି ପରିଚ୍ଳନା | 3.3 | 29 |
| କାର୍ଯ୍ୟ ନିର୍ବାହ | 3.4 | 33 |
| ତଦାରଖ ଏବଂ ପର୍ଯ୍ୟବେକ୍ଷଣ | 3.5 | 37 |
| **ଅଧ୍ୟାୟ 4**<br>**ଗୋପବନ୍ଧୁ ଗ୍ରାମୀଣ ଯୋଜନାର କାର୍ଯ୍ୟାନ୍ୱୟନ** | | |
| ଉପକ୍ରମ | 4.1 | 39 |

| | | |
|---|---|---|
| ସମୀକ୍ଷା ପରିସର ଏବଂ ପଦ୍ଧତି | 4.2 | 39 |
| ଯୋଜନା | 4.3 | 39 |
| ପାଣ୍ଠି ପରିଚାଳନା | 4.4 | 41 |
| କାର୍ଯ୍ୟ ନିର୍ବାହ | 4.5 | 43 |
| ତଦାରଖ ଏବଂ ପର୍ଯ୍ୟବେକ୍ଷଣ | 4.6 | 52 |


**ପରିଶିଷ୍ଟ**


| ପରିଶିଷ୍ଟ ସଂଖ୍ୟା | ବିଷୟ | ଅନୁଚ୍ଛେଦ | ପୃଷ୍ଠା |
|---|---|---|---|
| 1.1 | ରାଜ୍ୟ ସରକାରଙ୍କର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ଉତ୍ତରାଧିକାରୀ ସୂତ୍ରେ ପ୍ରବର୍ତ୍ତିତ 29 ଟି କାର୍ଯ୍ୟ ସ୍ଥିତିର ବିବରଣ ( ମାର୍ଚ୍ଚ 2022 ସୁଦ୍ଧା) | 1.3 | 55 |
| 1.2 | ସ୍ଥାୟୀ କମିଟିର କାର୍ଯ୍ୟକାରିତା ବିବରଣୀ | 1.5 | 56 |
| 2.1 | ପରୀକ୍ଷିତ ୟୁନିଟ୍ ଗୁଡ଼ିକର ତାଲିକା | 2.2 &3.2 | 57 |
| 2.2 | ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ ପ୍ରଦାନରେ ବିଳମ୍ବ ହେତୁ ସୁଧର ଭାର (ମାର୍ଚ୍ଚ 2022 ସୁଦ୍ଧା) | 2.4.1 | 58 |
| 2.3 | ବକେୟା ଅଗ୍ରୀମ (ମାର୍ଚ୍ଚ 2022 ପର୍ଯ୍ୟନ୍ତ) | 2.4.4 | 59 |
| 2.4 | ସିଏଫ୍‌ସି ଅନୁଦାନକୁ ଯୋଜନାରେ ପରିବର୍ତ୍ତନ | 2.4.7 | 60 |
| 2.5 | ସରକାରୀ ରାଜସ୍ୱ (ମାର୍ଚ୍ଚ 2022 ସୁଦ୍ଧା) ପ୍ରେରଣ ନକରିବା | 2.4.8 | 63 |
| 2.6 | ଅର୍ଥ ଆୟୋଗ ଅନୁଦାନରୁ ଅଯୋଗ୍ୟ କାର୍ଯ୍ୟ/ ବ୍ୟୟ | 2.5.1 | 65 |
| 2.7 | ଅବାସ୍ତବ ଆକଳନ ଯୋଗୁଁ ଅସମ୍ପୂର୍ଣ୍ଣ ରହିଥିବା କାର୍ଯ୍ୟ | 2.5.2 | 71 |
| 2.8 | ରିଭର୍ସ ଓସ୍ମୋସିସ୍ ପ୍ଲାଣ୍ଟ ସ୍ଥାପନରେ ଅଯଥା ଖର୍ଚ୍ଚ | 2.5.3 | 72 |
| 2.9 | ଅଚଳ ହୋଇ ପଡ଼ିଥିବା ପ୍ରକଳ୍ପ | 2.5.3 | 73 |
| 3.1 | ମାର୍ଚ୍ଚ 2022 ସୁଦ୍ଧା ଅବ୍ୟବସ୍ଥିତ ଅଗ୍ରୀମର ବିବରଣ | 3.3.1 | 74 |
| 3.2 | ରୋକଡ଼ ବହିର ପ୍ରାରମ୍ଭିକ ଏବଂ ଶେଷ ଅବଶେଷ ମଧ୍ୟରେ ଅମେଳ | 3.3.2 | 75 |
| 3.3 | ସୁଧର ହିସାବକୁ ନ ନେବା | 3.3.3 | 76 |
| 3.4 | କାର୍ଯ୍ୟ ବିଲ୍‌ରୁ କାଟିକି ରଖାଯାଇଥିବା ପାଣ୍ଠି ସରକାରୀ ରାଜସ୍ୱକୁ ପ୍ରେରଣ ନହେବା | 3.3.4 | 77 |
| 3.5 | ଶ୍ରମିକ ମାନଙ୍କୁ ମଜୁରୀରେ କମ୍ ପ୍ରଦାନ | 3.4.2 | 79 |
| 4.1 | ପରିକଳ୍ପନା ପାଣ୍ଠିକୁ ଫ୍ଲେକ୍ସି ହିସାବ ଖାତାରେ ନ ରଖିବା ଯୋଗୁଁ ସୁଧରେ କ୍ଷତି | 4.4.3 | 80 |
| 4.2 | କାର୍ଯ୍ୟ ସାମଗ୍ରୀର ଅବାସ୍ତବ ମୂଲତଲବ କରିବା | 4.5.3.3 | 81 |
| 4.3 | ମଜୁରୀ ପ୍ରଦାନରେ ସ୍ୱଳ୍ପତା | 4.5.5 | 83 |
| 4.4 | ସିମେଣ୍ଟ କଂକ୍ରିଟ୍ ରାସ୍ତା କାର୍ଯ୍ୟ ନିର୍ବାହରେ ଅଧିକ ବ୍ୟୟ | 4.5.7 | 84 |
| 4.5 | କେନାଲ କାର୍ଯ୍ୟରେ ଅଧିକ ଖର୍ଚ୍ଚ | 4.5.8 | 85 |


**ଶବ୍ଦକୋଷ**


| | | |
|---|---|---|
| ସଂକ୍ଷେପଣ ଶବ୍ଦକୋଷ | - | 87 |

# ମୁଖବନ୍ଧ

## ମୁଖବନ୍ଧ

ସିଏଜିଙ୍କର (ଡିପିସି) ଅଧିନିୟମ, 1971 ଅନୁସାରେ ଓଡ଼ିଶାର ରାଜ୍ୟପାଳଙ୍କୁ ପ୍ରଦାନ କରିବା ନିମନ୍ତେ ମାର୍ଚ୍ଚ 2022 ରେ ସମାପ୍ତ ହୋଇଥିବା ବର୍ଷ ପାଇଁ ଏହି ପ୍ରତିବେଦନ ପ୍ରସ୍ତୁତ ହୋଇଛି ।

ଏହି ପ୍ରତିବେଦନରେ ରାଜ୍ୟର ପଞ୍ଚାୟତି ରାଜ ଅନୁଷ୍ଠାନଗୁଡ଼ିକର ସମୀକ୍ଷାର ମହତ୍ୱପୂର୍ଣ୍ଣ ଫଳାଫଳ ଅନ୍ତର୍ଭୁକ୍ତ ହୋଇଛି ।

ଏଥିରେ 2021-22 ଆର୍ଥିକ ବର୍ଷର ନମୁନା ଯାଞ୍ଚ ସମୀକ୍ଷାରେ ନଜରକୁ ଆସିଥିବା ପ୍ରସଙ୍ଗ ସହିତ ଅନ୍ୟାନ୍ୟ ପ୍ରସଙ୍ଗ ଯାହା ପୂର୍ବ ବର୍ଷ ମାନଙ୍କରେ ଦୃଷ୍ଟିଗୋଚର ହୋଇଥିଲା, କିନ୍ତୁ ସେହି ବର୍ଷର ପ୍ରତିବେଦନରେ ସ୍ଥାନିତ ହୋଇନଥିଲା, ଆବଶ୍ୟକ ସ୍ଥଳେ ଅନ୍ତର୍ଭୁକ୍ତ କରାଯାଇଛି ।

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ୱାରା ଜାରି କରାଯାଇଥିବା ସମୀକ୍ଷା ମାନ ଅନୁସାରେ, ଏହି ସମୀକ୍ଷା କରାଯାଇଛି ।

ଅନୁବାଦିତ ପାଠାନ୍ତରରେ ଯଦି କୌଣସି ସନ୍ଦେହ ଉପୁଜେ, ତେବେ ଇଂରାଜୀ ପାଠାନ୍ତରକୁ ପ୍ରାମାଣିକ ଭାବେ ଗ୍ରହଣ କରାଯିବା ବିଧେୟ ।

# ବିହଙ୍ଗାବଲୋକନ

# ବିହଙ୍ଗାବଲୋକନ

ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧିନରେ କାର୍ଯ୍ୟରତ । ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ସ୍ଥାନୀୟ ନିକାୟଙ୍କ ଉପରେ ଏହି ପ୍ରତିବେଦନରେ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ନିମ୍ନୋକ୍ତ ତିନୋଟି ନିର୍ଦ୍ଦିଷ୍ଟ ବିଷୟ ଭିତ୍ତିକ ଜିଲ୍ଲା କେନ୍ଦ୍ରିକ ସମ୍ପାଦନ ସମୀକ୍ଷାର ଫଳାଫଳ ଅନ୍ତର୍ଭୁକ୍ତ ହୋଇଛି:

- 'କେନ୍ଦ୍ରୀୟ ଅର୍ଥ ଆୟୋଗଙ୍କଠାରୁ ପ୍ରାପ୍ତ ପାଣ୍ଠିର ବିନିଯୋଗ' ।
- 'ରାଜ୍ୟ ଅର୍ଥ ଆୟୋଗକଙ୍କଠାରୁ ପ୍ରାପ୍ତ ପାଣ୍ଠିର ବିନିଯୋଗ' ।
- 'ଗୋପବନ୍ଧୁ ଗ୍ରାମୀଣ ଯୋଜନାର କାର୍ଯ୍ୟାନ୍ୱୟନ' ।

କିଛି ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ଅବଲୋକନ ନିମ୍ନରେ ଆଲୋଚନା କରାଗଲା:

**କେନ୍ଦ୍ରୀୟ ଅର୍ଥ ଆୟୋଗ ଠାରୁ ପ୍ରାପ୍ତ ଅର୍ଥର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଦ୍ୱାରା ବିନିଯୋଗ**

- 63 ଟି ନମୁନା ଯାଞ୍ଚ ଗ୍ରାମ ପଞ୍ଚାୟତ ଗୁଡ଼ିକରେ କୌଣସିଟିରେ ପାଞ୍ଚ ବର୍ଷୀୟ ପ୍ରାଥମିକତା ମୂଳ ସେବା ଯଥା-ପାନୀୟ ଜଳ, ପରିମଳ ଏବଂ ରାସ୍ତାଘାଟ ଆଲୋକୀକରଣ ପାଇଁ ଯୋଜନା ପ୍ରସ୍ତୁତ କରାଯାଇନଥିଲା ।

  ***(ଅନୁଚ୍ଛେଦ 2.3)***

- 63 ଟି ନମୁନା ଯାଞ୍ଚ ଗ୍ରାମ ପଞ୍ଚାୟତ ମଧ୍ୟରୁ, 57 ଟି ଗ୍ରାମ ପଞ୍ଚାୟତ 3.4 କୋଟି ଟଙ୍କାର ଅନୁପାଳନ ଅନୁଦାନ ଆବଶ୍ୟକୀୟ ଯୋଗ୍ୟତା ନଥିବାରୁ ହରାଇଥିଲା ।

  ***(ଅନୁଚ୍ଛେଦ 2.4.5)***

- ଆର୍ଥିକ ବର୍ଷ 2017-22 ମଧ୍ୟରେ 10 ଟି ପଞ୍ଚାୟତ ସମିତିର 24 ଟି ଗ୍ରାମ ପଞ୍ଚାୟତ, 81.96 ଲକ୍ଷ ଟଙ୍କାର କେନ୍ଦ୍ରୀୟ ଅର୍ଥ ଆୟୋଗର ଅନୁଦାନକୁ ଅନ୍ୟାନ୍ୟ ଖର୍ଚ୍ଚରେ ବିନିଯୋଗ କରିଥିଲେ ।

  ***(ଅନୁଚ୍ଛେଦ 2.4.7)***

- ଗୋଟିଏ ପଞ୍ଚାୟତ ସମିତି ଏବଂ 42 ଟି ଗ୍ରାମ ପଞ୍ଚାୟତରେ 2.18 କୋଟି ଟଙ୍କା କେନ୍ଦ୍ରୀୟ ଅର୍ଥ ଆୟୋଗଙ୍କ ଅନୁପଯୁକ୍ତ ପ୍ରକଳ୍ପ ଏବଂ କାର୍ଯ୍ୟରେ ବିନିଯୋଗ କରାଯାଇଥିଲା ।

  ***(ଅନୁଚ୍ଛେଦ 2.5.1)***

- ଛଅଟି ଗ୍ରାମ ପଞ୍ଚାୟତରେ 40.90 ଲକ୍ଷ ଟଙ୍କା ବ୍ୟୟରେ ଲଗାଯାଇଥିବା 121 ଟି ସୋଲାର ରାସ୍ତାଘାଟ ଆଲୋକ ଛଅ ମାସ ପରେ ଯନ୍ତ୍ରର ଅଭାବରୁ ଅଚଳ ହୋଇଯାଇଥିଲା ।

  ***(ଅନୁଚ୍ଛେଦ 2.5.6.3)***

**ରାଜ୍ୟ ଅର୍ଥ ଆୟୋଗଙ୍କ ଠାରୁ ପ୍ରାପ୍ତ ଅର୍ଥର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଦ୍ୱାରା ବିନିଯୋଗ**

- ଦୁଇଟି ପଞ୍ଚାୟତ ସମିତି ଏବଂ ଦୁଇଟି ଗ୍ରାମ ପଞ୍ଚାୟତରେ, (2015-20 ମଧ୍ୟରେ ବଣ୍ଟାଯିବାକୁ ଥିବା) 34.04 ଲକ୍ଷ ଟଙ୍କାର ବକେୟା ଅଗ୍ରୀମ ବିଭିନ୍ନ ସରକାରୀ ଅଧିକାରୀ ମାନଙ୍କ ପାଖରେ ବାକି ପଡ଼ିଥିଲା ।

  ***(ଅନୁଚ୍ଛେଦ 3.3.1)***

- ଆର୍ଥିକ ବର୍ଷ 2017-22 ମଧ୍ୟରେ ରାଜସ୍ୱ ଶ୍ରମ କଲ୍ୟାଣ ସେସ୍, ଆୟକର ଇତ୍ୟାଦି, ନଅଟି ପଞ୍ଚାୟତ ସମିତି ଓ 38 ଟି ଗ୍ରାମ ପଞ୍ଚାୟତରେ ଅର୍ଥ ରାଶି 1.33 କୋଟି ଟଙ୍କାକୁ ଯଥାଯୋଗ୍ୟ ପ୍ରାଧିକାରୀଙ୍କ ନିକଟରେ ଜମା ନକରି, ନିଜସ୍ୱ ବ୍ୟାଙ୍କ ଖାତାରେ ଜମା ରଖାଯାଇଥିଲା ।

  ***(ଅନୁଚ୍ଛେଦ 3.3.4)***

- ଛଅଟି ପଞ୍ଚାୟତ ସମିତି ଏବଂ ଗୋଟିଏ ଗ୍ରାମ ପଞ୍ଚାୟତ ରାଜ୍ୟ ଅର୍ଥ ଆୟୋଗର ଅଗ୍ରାହ୍ୟ ପ୍ରକଳ୍ପଗୁଡ଼ିକରେ 1.09 କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା ।

  ***(ଅନୁଚ୍ଛେଦ 3.3.5)***

- 12 ଟି ଗ୍ରାମ ପଞ୍ଚାୟତରେ 2017-20 ଆର୍ଥିକ ବର୍ଷ ମଧ୍ୟରେ 1.05 କୋଟି ଟଙ୍କାର ସମ୍ପତ୍ତିଗୁଡ଼ିକ ଅକାମୀ ହୋଇ ପଡ଼ି ରହିଥିଲା, ଯାହାକି ଗ୍ରାମ ପଞ୍ଚାୟତ ଗୁଡ଼ିକରେ ରାଜସ୍ୱ କ୍ଷତି ହୋଇଥିଲା ।

***(ଅନୁଚ୍ଛେଦ 3.4.3)***

**ଗୋପବନ୍ଧୁ ଗ୍ରାମୀଣ ଯୋଜନାର କାର୍ଯ୍ୟାନ୍ୱୟନ**

- ତିନୋଟି ଜିଲ୍ଲା ପରିଷଦରେ, ଜିଲ୍ଲାପାଳଙ୍କ ଦ୍ୱାରା 19.64 କୋଟି ଟଙ୍କାର 1,002 ଟି ପ୍ରକଳ୍ପ ଜିଲ୍ଲା ଯୋଜନା କମିଟିର ଅନୁମୋଦନ ବିନା କରାଯାଇଥିଲା ଏବଂ ପଞ୍ଚାୟତ ସମିତିଗୁଡ଼ିକୁ ପାଣ୍ଠି ପ୍ରଦାନ କରାଯାଇଥିଲା ।

***(ଅନୁଚ୍ଛେଦ 4.3.3)***

- ଆର୍ଥିକ ବର୍ଷ 2017-22 ମଧ୍ୟରେ ପାଞ୍ଚଟି ପଞ୍ଚାୟତ ସମିତି, ଗୋପବନ୍ଧୁ ଗ୍ରାମୀଣ ଯୋଜନା ପାଣ୍ଠିରୁ 2.82 କୋଟି ଟଙ୍କା ପରିକଳ୍ପନା ଅଧିନରେ ନଥିବା ପ୍ରକଳ୍ପ ବାବଦରେ ଖର୍ଚ୍ଚ କରାଯାଇଥିଲା, ଯେଉଁଥିରୁ 0.40 କୋଟି ଟଙ୍କା ଭରଣା ପାଇଁ ବକେୟା ରହିଥିଲା ।

***(ଅନୁଚ୍ଛେଦ 4.4.2)***

- ଆର୍ଥିକ ବର୍ଷ 2017-18 ରୁ ରାଜସ୍ୱ, ଶ୍ରମ କଲ୍ୟାଣ ସେସ୍ ଇତ୍ୟାଦି ବାବଦରେ ଗୃହିତ 80.29 ଲକ୍ଷ ଟଙ୍କା ଯଥାଯୋଗ୍ୟ ପ୍ରାଧିକାରୀଙ୍କ ପାଖରେ ଜମା ନହୋଇ ଆଠଟି ପଞ୍ଚାୟତ ସମିତିର ବ୍ୟାଙ୍କ ଖାତାରେ ଜମା ରହିଥିଲା ।

***(ଅନୁଚ୍ଛେଦ 4.5.2)***

- 20 ଟି ପଞ୍ଚାୟତରେ 7.90 କୋଟି ଟଙ୍କା ବ୍ୟୟରେ ନିର୍ମିତ 219 ଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନଥିଲା, ଯାହାକି 30 ରୁ 1,438 ଦିନର ବିଳମ୍ବିତ ଥିଲା ।

***(ଅନୁଚ୍ଛେଦ 4.5.10)***